# 'ପ୍ରମୋଦଙ୍କ ନାଟକ ଉପରେ ଅଧିକ ଗବେଷଣା ଦରକାର'

ସମ୍ବଲପୁର, ୨୯/୧୦(ଇମିସ): ଆଜି କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ପ୍ରମୋଦ ତ୍ରିପାଠୀଙ୍କ ନାଟ୍ୟ ସାହିତ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବକ୍ତାଭାବେ ଯୋଗ ଦେଇ ଅତିଥିମାନେ ପ୍ରମୋଦ ତ୍ରିପାଠୀଙ୍କ ନାଟକରେ ଉପରେ ଅଧିକ ଗବେଷଣା କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ସମ୍ବଲପୁର ପ୍ଲବିକ ଲାଇବ୍ରେରିରେ ଅନୁଷ୍ଠିତ ସଭାରେ ଡ. ଦୀପଶିଖା ସୋହେଲା କହିଲେ, ନାଟକ ଯେତେବେଳେ ଅତ୍ୟଧିକ ବୌଦ୍ଧିକ ଉପାଦାନକୁ ନେଇ ପରିବେଶିତ ହେବାରୁ ଲୋକଙ୍କ ଠାରୁ ଦୂରେଇ ଯାଉଥିଲା ଏହି ସମୟରେ ୮୦ ଦଶକରେ ଲୋକ ଉପାଦାନକୁ ନେଇ ଯେଉଁ କେତେକ ନାଟ୍ୟକାର ନାଟକକୁ ଦର୍ଶକଙ୍କ ପାଖକୁ ଫେରାଇ ଆଣିବାରେ ସଫଳ ହୋଇଥିଲେ ସେମାନଙ୍କ ମଧ୍ୟରେ ପ୍ରମୋଦ ତ୍ରିପାଠୀ ଥିଲେ ଅନ୍ୟତମ। ସଭାରେ ଡ.ମୋହନ ସାହୁ କହିଲେ, ଯେଉଁ ସମୟରେ ସମ୍ବଲପୁରୀ ନାଟକର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି, ସେହି ସମୟରେ ପ୍ରମୋଦ ତ୍ରିପାଠୀଙ୍କ ଯୁଗାନ୍ତକାରୀ ଓଡ଼ିଆ ନାଟକଗୁଡ଼ିକ ମଧ୍ୟ ସୃଷ୍ଟି ହୋଇଛି।



ସେ କୌଣସି ପୁରସ୍କାର ଲୋଭରେ ନାଟକ ଲେଖୁନଥିଲେ। ପ୍ରମୋଦଙ୍କ କେତକ ନାଟକର ସଂଳାପଗୁଡ଼ିକ ବଳିଷ୍ଠ ଶବ୍ଦ ସଂଯୋଜନା ଯୋଗୁ ଭାବସ୍ପର୍ଶୀ ଓ ପ୍ରଭାବଶାଳୀ ହୋଇଥିଲା ତାଙ୍କ ନାଟକଗୁଡ଼ିକରେ ପାଠକୀୟ ମୂଲ୍ୟ ସହ ନାଟକୀୟ ଓ ସାମାଜିକ ମୂଲ୍ୟ ରହିଛି। ଡ. ଶ୍ୟାମ ଭୋଇ କହିଲେ, ପ୍ରମୋଦ ତ୍ରିପାଠୀଙ୍କ ଭଳି ଜଣେ ନାଟ୍ୟକାର ଯେତେମାତ୍ରାରେ ଆଲୋଚିତ ହେବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନାହାନ୍ତି। ତାଙ୍କ ନାଟକଗୁଡ଼ିକ ସୁଦୂରପ୍ରସାରୀ ବାର୍ତ୍ତା ବହନ କରେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂ ଏଥିରେ ଅଧ୍ୟକ୍ଷତା କରି କହିଲେ, ପ୍ରମୋଦ ତ୍ରିପାଠୀ ମାଟିକୁ ଭଲ ପାଉଥିଲେ। ତାଙ୍କ ନାଟକଗୁଡ଼ିକ ଉପରେ ଆହୁରି ଗବେଷଣାର ଆବଶ୍ୟକତା ରହିଛି। ସେ ଓଡିଆ ନାଟକର ଏକ ନୂତନ ଦିଗ ଉନ୍ମୋଚନ କରିଥିଲେ। ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦର ସଭାପତି ଡ. ଦ୍ୱାରିକାନାଥ ନାୟକ କହିଲେ, ପ୍ରମୋଦ ତ୍ରିପାଠୀଙ୍କ ନାଟକଗୁଡ଼ିକୁ ସମକାଳୀନ କୌଣସି ଅନ୍ୟ ନାଟକ ସହ ତୁଳନା କରାଯାଇପାରିବ ନାହିଁ। ସେ କୌଣସି ନିର୍ଦ୍ଦିଷ୍ଟ ଶୈଳୀର ବନ୍ଧନରେ ନିଜକୁ ରଖି ନଥିଲେ। ପ୍ରମୋଦଙ୍କ ସମସ୍ତ ନାଟକ ଯଦି ମୁଦ୍ରଣ ହୋଇ ପାରିଥାନ୍ତା, ତେବେ ତାହା ଓଡ଼ିଆ ସାହିତ୍ୟକୁ ବହୁ ଉଚ୍ଚ ସ୍ତରକୁ ନେଇ ଯାଇଥାଆନ୍ତା। ତାଙ୍କର ସମସ୍ତ ନାଟକ ମୁଦ୍ରିତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଭାରେ ଡ. ଶ୍ୟାମ ଭୋଇ ପ୍ରାରମ୍ଭିକ ସୂଚନା ଓ ସାହିତ୍ୟ ଏକାଡେମୀ,ର ଆଂଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।